**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**
ସା/ପୋ.ଅ.- ଘଟଗାଁ, ଜି-କେନ୍ଦୁଝର-୭୫୮୦୨୭(ଓଡ଼ିଶା)
ଫୋନ୍-୦୬୭୩୩-୨୨୩୦୦୧

**MAA TARINI THAKURANI TEMPLE TRUST**
AT/P.O.- GHATGAON, DIST- KEONJHAR-758027(ODISHA
PHONE-06733-223001

website- www.maatarini.co.in E-mail Id- maatarini.ghatgaon@gmail.com


ଚିଠି ନଂ. Letter No.: 314 ତାରିଖ Date: 08.09.2021

## କୋଟେସନ୍ କଲ୍ ନୋଟିସ୍

ଏତଦ୍ୱାରା ଇଚ୍ଛୁକ ବ୍ୟକ୍ତି ମାନଙ୍କୁ ଜଣାଇ ଦିଆଯାଉଅଛି କି ମା'ତାରିଣୀଙ୍କ ପୀଠରେ ନିମ୍ନଲିଖିତ କାର୍ଯ୍ୟର ବିବରଣୀ ଅନୁଯାୟୀ ତା.୧୧.୧୦.୨୧ରିଖ ଷଷ୍ଠୀ ଠାରୁ ତା.୧୬.୧୦.୨୧ରିଖ ଭଷାଣୀ ପର୍ଯ୍ୟନ୍ତ ଦୁର୍ଗାପୂଜା ଉପଲକ୍ଷେ ଦୁର୍ଗା ମେଢ, ଟେଣ୍ଟ, ମାଇକ୍, ଜେନେରେଟର ଓ ଆଲୋକ ସଜ୍ଜା ଇତ୍ୟାଦି କାର୍ଯ୍ୟ ଆବଶ୍ୟକ ହେଉଅଛି । ଯାହାର ମୋଟ ନିର୍ଦ୍ଧାରିତ ମୂଲ୍ୟ ଟ.୫୦,୦୦୦/- (ପଚାଶ ହଜାର ଟଙ୍କା) ମାତ୍ର । ଏଣୁ ଇଚ୍ଛୁକ ବ୍ୟକ୍ତି ୧୫-୦୯-୨୦୨୧ ରିଖ ୧୧ ଘଟିକା ସମୟରେ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ପାଇଁ ଏକକ କୋଟେସନ୍ ଦାଖଲ ପୂର୍ବକ ନିମ୍ନ ଲିଖିତ ଫର୍ମରେ ଆବେଦନ କରିପାରିବେ । ଆବେଦନ ପତ୍ର ସହିତ ଅମାନତ ଦେୟ ବାବଦକୁ ଟ. ୫,୦୦୦/- (ପାଞ୍ଚ ହଜାର ଟଙ୍କା) ମାତ୍ରର ବ୍ୟାଙ୍କ ଡ୍ରାଫ୍ଟ "ମା' ତାରିଣୀ ଠାକୁରାଣୀ"ଙ୍କ ନାମେ କରି ଦାଖଲ କରିବେ । ଅମାନତ ରାଶିର ଡ୍ରାଫ୍ଟ ନଦେଇ ଆବେଦନ କଲେ ଉକ୍ତ ଦରଖାସ୍ତ ନାକଚ ହେବ । ଏହି ଅମାନତ ରାଶି କାର୍ଯ୍ୟ ସମାପ୍ତ ପରେ ଫେରସ୍ତ ଦିଆଯିବ । କୋଟେସ୍ନ୍ ସମୟରେ ପୂର୍ବରୁ ନିର୍ମାଣ କରିଥିବା ଦୁର୍ଗାଦେବୀଙ୍କ ମେଢ, ତୋରଣ ଓ ଆଲୋକ ସଜ୍ଜା ଇତ୍ୟାଦିର ଫଟୋ ପ୍ରଦାନ କରିବେ । ଏହି କୋଟେସନ୍ କଲ୍ ବିନା କାରଣରେ ନାକଚ ବା ପରିବର୍ତ୍ତନ କରାଯାଇପାରିବ । ଆବେଦନ କରିଥିବା ଦରଖାସ୍ତକାରୀଙ୍କ ମଧ୍ୟରୁ ଯାହାର ମୂଲ୍ୟ ସମସ୍ତଙ୍କ ଠାରୁ କମ୍ ହେବ ତାଙ୍କୁ କାର୍ଯ୍ୟାଦେଶ ଦିଆଯିବ ।

**କାର୍ଯ୍ୟର ବିବରଣୀ :-**

୧. ଦୁର୍ଗାଦେବୀଙ୍କ ମେଢ, ଟେଣ୍ଟ ଓ କପଡା ଡେକୋରେଶନ - (୩୦ଫୁଟ୍ x ୨୦ଫୁଟ) ।
୨. ଯଜ୍ଞ ମଣ୍ଡପର ଚାରିପାଖ ତାର୍‌ପୋଲିନ୍ ଘେରାଉ ।
୩. ଆଲୋକ ସଜ୍ଜା (ତାରିଣୀ ମନ୍ଦିର/ମୁଖଶାଳା/ବେଢା/ଶିବ ମନ୍ଦିର/ଦୁଆରଶୁଣୀ ମନ୍ଦିର/ଦୁର୍ଗା ମଣ୍ଡପ ଠାରୁ ତାରିଣୀ ମନ୍ଦିର ମୁଖଶାଳା ପର୍ଯ୍ୟନ୍ତ ।
୪. ଭଲ ମାଇକ୍ ସେଟ୍, ଜେନେରେଟର ଓ ଆବଶ୍ୟକୀୟ ଅନ୍ୟାନ୍ୟ ଲାଇଟ୍ ବ୍ୟବସ୍ଥା ।
୫. ଅନ୍ୟାନ୍ୟ ଜରୁରୀ ଆବଶ୍ୟକତା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବରାଦ ମୁତାବକ ଯୋଗାଇବେ । କାର୍ଯ୍ୟରେ ଅବହେଳା କଲେ ନିର୍ଦ୍ଧାରିତ ମୂଲ୍ୟରୁ ଅର୍ଥ କଟାଯିବ । ଭଷାଣୀର ୩ଦିନ ମଧ୍ୟରେ ଦୁର୍ଗାମଣ୍ଡପର ଟେଣ୍ଟ୍ ଜିନିଷ ଓ ଅନ୍ୟାନ୍ୟ ଜିନିଷ ଖାଲି କରିବେ । ସମସ୍ତ ଜିନିଷ ଖାଲି କରିବା ପରେ ଅମାନତ ରାଶି ଫେରସ୍ତ ପାଇଁ ଆବେଦନ କରିବେ । ନଚେତ ଅମାନତ ରାଶି ବ୍ୟାଜାପ୍ତି କରାଯିବ ।

*ଆବେଦନ ଫର୍ମ (A4 ସାଇଜ୍ ସାଧା କାଗଜରେ ନିମ୍ନଲିଖିତ ଅନୁଯାୟୀ ଲେଖି ବା ଟାଇପ୍ କରି ଆବେଦନ କରିବେ );-*

୧. ଆବେଦନକାରୀଙ୍କ ପୂରା ନାମ :- ୨.ଆବେଦନକାରୀଙ୍କ ପିତାଙ୍କ ନାମ :- ୩.ସଂପୂର୍ଣ୍ଣ ଠିକଣା ଓ ମୋବାଇଲ ନଂ:-
୪. ସିକ୍ୟୁରିଟି ବାବଦକୁ ବ୍ୟାଙ୍କ୍ ଡ୍ରାଫ୍ଟର ନଂ........... ତା................. ପରିମାଣ.................. ବ୍ୟାଙ୍କ୍‌ର ନାମ............................
୫. କୋଟେସନ୍ ମୂଲ୍ୟ ଅଙ୍କରେ ..........................................ଅକ୍ଷରରେ ..........................................................
୬. ସଂପୂର୍ଣ୍ଣ ସାକ୍ଷର :-

୫/୯/୨୦୨୧

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର ।